ମାନୋଜି ରାଓ

ବନାମ

ଟି. କ୍ରିଷ୍ଣା ଏବଂ ଅନ୍ୟମାନେ

ଜାନୁଆରୀ 11, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ କେ.ଜି. ବାଲକ୍ରିଷ୍ଣନ ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908 :*

*ଧାରା 96 - ମୂଳ ଡିକ୍ରି -ଆବେଦନ -ବାଦୀ ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ - ପ୍ରତିବାଦୀ ଦାବି କରିଥିଲେ ଯେ ସେ ବାଦୀଙ୍କୁ ଆବଣ୍ଟନ ପୂର୍ବରୁ ମଧ୍ୟ ମକଦ୍ଦମାଭୁକ୍ତ ସମ୍ପତ୍ତିର ଏକ ଅଂଶରେ ରହୁଥିଲେ –ବିଚାରଣ ନ୍ୟାୟାଳୟଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ -ଉଚ୍ଚ ନ୍ୟାୟାଳୟ କହିଥିଲେ ଯେ କେବଳ ଆବାସ ପ୍ରତିବାଦୀଙ୍କୁ ଅଧିକାର ପ୍ରଦାନ କରେ ନାହିଁ ଏବଂ ଅପିଲକୁ ମଞ୍ଜୁର ଦେଇଥିଲେ - ସଠିକତା - ନିର୍ଣ୍ଣିତ: ଏହି ମାମଲାଟି ନଥିରେ ଥିବା ତଥ୍ୟର ମୂଲ୍ୟାଙ୍କନ କ୍ଷେତ୍ର ମଧ୍ୟରେ ଆସେ -ତେଣୁ ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ।*

**ଉତ୍ତରଦାତା-ବାଦୀ ମକଦ୍ଦମାଭୁକ୍ତ ସମ୍ପତ୍ତିର ମାଲିକାନା ବିଷୟରେ ଘୋଷଣା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଅପିଲକାରୀ-ପ୍ରତିବାଦୀ ଦାବି କରିଥିଲେ ଯେ ଉତ୍ତରଦାତାମାନଙ୍କୁ ଆବଣ୍ଟନ ପୂର୍ବରୁ ମଧ୍ୟ ସେ ମକଦ୍ଦମା ସମ୍ପତ୍ତିର ଏକ ଅଂଶ ଦଖଲରେ ଥିଲେ । ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଥିଲେ ।**

**ଉଚ୍ଚ ନ୍ୟାୟାଳୟ ଏହି ମକଦ୍ଦମାକୁ ଏହି ଆଧାରରେ ମଞ୍ଜୁର କରିଥିଲେ ଯେ ପ୍ରତିବାଦୀଙ୍କୁ କୌଣସି ଅଧିକାର ପ୍ରଦାନ କରାଯିବ ନାହିଁ ଯଦିଓ ସେ ତାଙ୍କ ଆବଣ୍ଟନ ପୂର୍ବରୁ ମଧ୍ୟ ମକଦ୍ଦମାଭୁକ୍ତ ସମ୍ପତ୍ତିର ଏକ ଅଂଶରେ ରହୁଥିଲେ । ସେଥିପାଇଁ ଏହି ଅପିଲ ।**

**ଏହି ଅପିଲକୁ ଖାରଜ କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: 1. ଏହି ମାମଲାଟି ନଥିରେ ଥିବା ତଥ୍ୟର ମୂଲ୍ୟାଙ୍କନ କ୍ଷେତ୍ର ମଧ୍ୟରେ ଆସେ । ଯଦିଓ ବିଚାରଣ ନ୍ୟାୟାଳୟ ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିଥିଲେ, ତଥ୍ୟର ତର୍ଜମା ଉପରେ ପ୍ରଥମ ଅପିଲିୟ ନ୍ୟାୟାଳୟ ମତ ରଖିଥିଲେ ଯେ ଦସ୍ତାବିଜ ଗୁଡିକ ସ୍ୱଷ୍ଟ ଭାବରେ ବାଦୀଙ୍କ ଦ୍ୱାରା କରାଯାଇଥିବା ଦାବିକୁ ପ୍ରତିଷ୍ଠିତ କରେ ଏବଂ ପ୍ରତିବାଦୀଙ୍କ ପାଖରେ କୌଣସି ଦସ୍ତାବିଜ ଉପଲବ୍ଧ ନଥିଲା ।**

ଦେୱାନୀ ଅପିଲିୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 482/2001 ।

ଆର୍.ଏଫ୍.ଏ. ନଂ. 153/1994ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 13.12.99 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି.ସି. ଜୈନ ଏବଂ ବଲବୀର ସିଂହ ଗୁପ୍ତା ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. କେ. କୁଲକର୍ଣ୍ଣୀ ଏବଂ ବିଜୟ କୁମାର ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ ।** ଅନୁମତି ପ୍ରଦାନ କରାଗଲା ।

ପ୍ରଥମ ଅତିରିକ୍ତ ସିଟି ସିଭିଲ ଜଜ୍, ବାଙ୍ଗାଲୋରଙ୍କ ଅଦାଲତରେ ଦାୟର ହୋଇଥିବା ଏକ ମକଦ୍ଦମା [ଓ.ଏସ୍. ନଂ. 10579/89] ରୁ ଏହି ଅପିଲ ଉତ୍ପନ୍ନ । ଉତ୍ତରଦାତା-ବାଦୀମାନେ ଅର୍ଜିର ଅନୁସୂଚୀରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିବା ଅନୁଯାୟୀ ବାଙ୍ଗାଲୋରର ଗାଭିପୁରମ, ଗୁଟ୍ଟାହଲ୍ଲୀ, ରାମକୃଷ୍ଣ ମଠ ଏକ୍ସଟେନସନରେ 20 ଫୁଟ x 32.5 ଫୁଟ ମାପର ମକଦ୍ଦମାଭୁକ୍ତ ସ୍ଥାନ ସଂଖ୍ୟା 20ର ମାଲିକାନା ଘୋଷଣାରୂପକ ପ୍ରତିକାର ଲୋଡିଥିଲେ । ସେମାନେ ଦାବି କରିଥିଲେ ଯେ ସେମାନେ ଏକ ଝୁମ୍ପୁଡ଼ି ସ୍ଥାପନ କରି ଏହି ସ୍ଥାନରେ ରହିଆସୁଛନ୍ତି ଏବଂ ତା'ପରେ C.I.T.B, ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପୂର୍ବସୂରୀମାନେ 19.7.1973 ତାରିଖ ବିଶିଷ୍ଟ ଏକ ଆବଣ୍ଟନ ପତ୍ର ଜାରି କରିଥିଲେ ଏବଂ 17.3.1981 ରେ ଏକ ଦଖଲ ପ୍ରମାଣପତ୍ର ମଧ୍ଯ ଦିଆଯାଇଥିଲା । ଆବେଦନକାରୀ-ପ୍ରତିବାଦୀମାନଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ ସେମାନେ ସମ୍ପତ୍ତିର ଏକ ଅଂଶ ଉପରେ ଅନଧିକାର ପ୍ରବେଶ କରିଥିଲେ ଏବଂ ଅବଶିଷ୍ଟ ସମ୍ପତ୍ତି ସମ୍ବନ୍ଧରେ ସେମାନେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ ଏବଂ ସେହି କାରଣରୁ ବାଦୀମାନେ ଅଧିକାର, ମାଲିକାନା କିମ୍ବା ନିଷିଦ୍ଧାଦେଶ ଘୋଷଣା କରିବାକୁ ଅନୁରୋଧ କରିଥିଲେ । ବାଦୀମାନେ ଅନେକ ଦସ୍ତାବିଜ ଉପରେ ନିର୍ଭରଶୀଳତା ରଖିଥିଲେ ଯେପରିକି 19.7.1973 ତାରିଖର ଆବଣ୍ଟନ ପତ୍ର [ପ୍ରଦର୍ଶ P.1]; ପ୍ରଦର୍ଶ P.2 ଅନୁଯାୟୀ ବାଦୀମାନଙ୍କୁ ସେହି ସ୍ଥାନର ମୂଲ୍ୟ ଦେବାକୁ ଏକ ଦାବି ନୋଟିସ୍; ବାଦୀମାନଙ୍କ ଦ୍ୱାରା ଅର୍ଥରାଶି ପଠାଯାଇଥିବା ଦର୍ଶାଉଥିବା ଚାଲାଣଗୁଡ଼ିକ [ପ୍ରଦର୍ଶ ପି.3 ରୁ ପି.5]; ବାଦୀମାନଙ୍କୁ ଅର୍ଜିରେ ସୂଚିତ ମାପ ସହିତ ସ୍ଥାନ ସଂଖ୍ୟା 20 ର ଦଖଲ ଦିଆଗଲା ବୋଲି ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା 18.3.1981 ତାରିଖ ବିଶିଷ୍ଟ ଦଖଲ ପ୍ରମାଣପତ୍ର [ପ୍ରଦର୍ଶ P.6]; ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମାଣପତ୍ର ଯାହା ସୂଚିତ କରେ ଯେ ମକଦ୍ଦମା ସ୍ଥଳୀ ବାଦୀଙ୍କ ନାମରେ ଅଛି [Ex.P.7]; ସ୍ଥାନ ସଂଖ୍ୟା 20 [ପ୍ରଦର୍ଶ P.8] ରେ କୋଠା ନିର୍ମାଣ ପାଇଁ ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଲାଇସେନ୍ସ ଏବଂ ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଯୋଜନା [ପ୍ରଦର୍ଶ P. 9] । ତେବେ ବିଚାରଣ ନ୍ୟାୟାଳୟ ଏହି

ମତ ପୋଷଣ କରିଥିଲେ ଯେ 17.3.1981 ତାରିଖର ଦଖଲ ପ୍ରମାଣପତ୍ରକୁ ମାଲିକାନା ଦସ୍ତାବିଜ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ଯାହା କେବଳ ଏକ ଦଖଲ ପ୍ରମାଣପତ୍ର ଏବଂ ବାଦୀମାନଙ୍କୁ ମାଲିକାନା ପ୍ରଦାନ କରୁଥିବା କୌଣସି ଦସ୍ତାବିଜ ନ୍ୟାୟାଳୟ ପାଇଁ ଉପଲବ୍ଧ କରାଯାଇ ନାହିଁ ଏବଂ ସେହି କାରଣରୁ, ବାଦୀମାନଙ୍କୁ ମାଲିକ ବୋଲି ଘୋଷଣା କରାଯାଇପାରିବ ନାହିଁ । ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ । ପ୍ରତିବାଦୀମାନେ ସମ୍ପତ୍ତିର ଏକ ଅଂଶ ଦଖଲରେ ଥିଲେ ଏବଂ ସେମାନେ 1980 ପୂର୍ବରୁ ମଧ୍ୟ ସେଠାରେ ରହୁଥିଲେ ବୋଲି ଏହି ପରିସ୍ଥିତି ଉପରେ ସେ ନିର୍ଭର କରିଥିଲେ । ତେଣୁ, ବାଦୀମାନେ କୌଣସି ମାଲିକାନା ପ୍ରମାଣପତ୍ର ନ ପାଇ ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥାନ ଆବଣ୍ଟିତ ହୋଇଥିବା ଆଧାରରେ ପ୍ରତିବାଦୀମାନଙ୍କୁ ବହିଷ୍କାର ପାଇଁ ମାମଲା ରୁଜୁ କରିପାରିବେ ନାହିଁ । ଯେତେବେଳେ ପ୍ରତିବାଦୀଙ୍କୁ ଖାଲି ଦଖଲ ଦିଆଯାଇନାହିଁ, ବାଦୀମାନେ ମକଦ୍ଦମାଭୁକ୍ତ ସମ୍ପତ୍ତି ଉପରେ ସେମାନଙ୍କର ଦଖଲ ପ୍ରମାଣ କରିବାରେ ବିଫଳ ହୋଇଥିଲେ ଏବଂ ପ୍ରତିବାଦୀମାନେ ବେଆଇନ ଭାବରେ ମକଦ୍ଦମାଭୁକ୍ତ ସମ୍ପତ୍ତିରେ ପ୍ରବେଶ କରିଥିଲେ ଏବଂ ନିର୍ମାଣ କରି ଏହାକୁ ଜବରଦଖଲ କରିଥିଲେ କି ନାହିଁ ତାହା ବିଚାର ପାଇଁ ଉଠିବ ନାହିଁ । ସେହି ଆଧାରରେ ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାକୁ ଖାରଜ କରିଦେଇଥିଲେ ।

ଉଚ୍ଚ ନ୍ୟାୟାଳୟରେ ଅପିଲ କରିବା ପରେ, ମାନ୍ୟବର ଏକକ ନ୍ୟାୟମୂର୍ତ୍ତି, ଏହି ମାମଲାରେ ଦାଖଲ ହୋଇଥିବା ବିଭିନ୍ନ ଦସ୍ତାବିଜକୁ ଧ୍ୟାନ ଦେବା ପରେ, ରାୟ ଦେଇଥିଲେ ଯେ ଆବଣ୍ଟନ ପୂର୍ବରୁ ମଧ୍ୟ ପ୍ରତିବାଦୀମାନେ ମକଦ୍ଦମାଭୁକ୍ତ ସ୍ଥାନର ଏକ ଅଂଶରେ ରହୁଥିଲେ, ଏହା ସେମାନଙ୍କୁ କୌଣସି ଅଧିକାର ପ୍ରଦାନ କରିବ ନାହିଁ ଏବଂ ଡି.ଡବ୍ଲ୍ୟୁ. 1 ତାଙ୍କ ପ୍ରମାଣ ସମୟରେ ସ୍ୱୀକାର କରିଥିଲେ ଯେ ସ୍ଥାନ ସଂଖ୍ୟା 20 ବାଦୀମାନଙ୍କୁ ଆବଣ୍ଟନ କରାଯାଇଥିଲା । ପ୍ରତିବାଦୀଙ୍କ ଦ୍ୱାରା ସ୍ଥାପିତ କିମ୍ବା ସେମାନଙ୍କ ଦ୍ୱାରା ଦାବି କରାଯାଇଥିବା କୌଣସି ଅଧିକାରର ଅନୁପସ୍ଥିତିରେ ଏବଂ ଯେତେବେଳେ ପ୍ରତିବାଦୀମାନେ କେବଳ ବାଦୀମାନଙ୍କ ଅଧିକାରକୁ ସ୍ପଷ୍ଟ ଭାବରେ ସ୍ୱୀକାର କରିନାହାଁନ୍ତି, ବରଂ କେବଳ ଦାବି କରିଛନ୍ତି ଯେ ମକଦ୍ଦମାଟି ସରକାରଙ୍କ ବିଚାରଧୀନ ଅଛି, ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାର ନିଷ୍ପତ୍ତି ନେବା ଏବଂ ବାଦୀମାନଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ପ୍ରତିକାର ପ୍ରଦାନ କରି ଅପିଲକୁ ଅନୁମତି ଦେବା ଉଚିତ୍ । ସେଥିପାଇଁ ଏହି ଅପିଲ ।

ଆମ ସମ୍ମୁଖରେ ଏହା ଯୁକ୍ତି କରାଯାଇଛି ଯେ ତର୍କ ସମୟରେ ବାଦୀମାନଙ୍କ ତରଫରୁ ହାଜର ହୋଇଥିବା ଓକିଲଙ୍କ ଦ୍ୱାରା ଏହା ଉପସ୍ଥାପନ କରାଯାଇଥିଲା ଯେ ବିବାଦର ବିଷୟବସ୍ତୁ ରହିଥିବା ସ୍ଥାନ ସଂଖ୍ୟା 20କୁ ବାଙ୍ଗାଲୋର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତିବାଦୀ ସଂଖ୍ୟା 1 କୁ ଆବଣ୍ଟନ କରାଯାଇଛି । କିନ୍ତୁ ଏହି ଯୁକ୍ତିର ସମର୍ଥନରେ ଅଦାଲତରେ କୌଣସି ଦସ୍ତାବିଜ ଉପସ୍ଥାପନ କରି କୌଣସି ସ୍ପଷ୍ଟୀକରଣ

ଦିଆଯାଇ ନଥିଲା । ଏପରି କୌଣସି ତଥ୍ୟର ଅନୁପସ୍ଥିତିରେ, ଆମେ ଭାବୁନାହୁଁ ଯେ ଏପରି ଆବଣ୍ଟନ ପ୍ରତିବାଦୀ ସଂଖ୍ୟା 1 ଙ୍କ ସପକ୍ଷରେ କରାଯାଇଥିଲା ଏବଂ ସେହି କାରଣରୁ ବାଦୀମାନେ ବଞ୍ଚିତ ହୋଇଛନ୍ତି ବୋଲି ଅନୁମାନ କରିବା ନିରାପଦ ହେବ । ଅନ୍ୟପକ୍ଷରେ, ଯେତେବେଳେ ଉଚ୍ଚ ନ୍ୟାୟାଳୟ ନଥିରେ ଉପଲବ୍ଧ ସମସ୍ତ ଦସ୍ତାବିଜକୁ ବିଚାରକୁ ନେଇଛନ୍ତି ଏବଂ ସେହି ଆଧାରରେ ପ୍ରଥମ ଦୃଷ୍ଟିଗତ ଭାବେ ମତ ଦିଅନ୍ତି ଯେ ବାଦୀମାନଙ୍କର ମକଦ୍ଦମାଭୁକ୍ତ ସମ୍ପତ୍ତି ଉପରେ ମାଲିକାନା ଅଧିକାର ଅଛି ଏବଂ ସେହି ପ୍ରକାରେ ଏକ ଘୋଷଣା ଦିଆଯାଇଛି, ନଥିରେ ଥିବା ତଥ୍ୟର ତର୍ଜମା ଉପରେ ଏହି ମାମଲାଟି ବିଫଳ ହୁଏ । ଯଦିଓ ବିଚାରଣ ନ୍ୟାୟାଳୟ ଏକ ଭିନ୍ନ ଦୃଷ୍ଟିକୋଣ ଗ୍ରହଣ କରିଥିଲେ, ତଥ୍ୟର ତର୍ଜମା ଉପରେ ପ୍ରଥମ ଅପିଲିୟ ନ୍ୟାୟାଳୟ ମତ ରଖିଥିଲେ ଯେ ଦସ୍ତାବିଜଗୁଡିକ ସ୍ପଷ୍ଟ ଭାବରେ ବାଦୀଙ୍କ ଦ୍ୱାରା କରାଯାଇଥିବା ଦାବିକୁ ପ୍ରତିଷ୍ଠିତ କରେ ଏବଂ ପ୍ରତିବାଦୀଙ୍କ ପାଖରେ କୌଣସି ଦସ୍ତାବିଜ ଉପଲବ୍ଧ ନଥିଲା । ତେଣୁ ଆମେ ଭାବୁନାହୁଁ ଯେ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆଦେଶରେ ହସ୍ତକ୍ଷେପ କରିବାର କୌଣସି ଭଲ କାରଣ ରହିଛି ଏବଂ ଆମେ ଏହି ଆବେଦନକୁ ଖାରଜ କରୁଛୁ । କୌଣସି ଖର୍ଚ୍ଚ ନାହିଁ ।

ଭି.ଏସ୍.ଏସ୍. ଅପିଲ ଖାରଜ ହେଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।